# ପରିଚୟ



ଯୁଧିଷ୍ଠିର ମହାନ୍ତି

ଷ୍ଟାଇଲିସ୍ ଲୁକ୍ ପାଇଁ ସେ ଆଇ ସେଡ଼ୋ କରେ, ମସ୍କରା ଲଗାଏ । ଷ୍ଟ୍ରେଚେବଲ୍ ଜିନ୍ ସାଙ୍ଗକୁ ଟପ୍ସ ବି ପିନ୍ଧେ, ବେଳେବେଳେ । କିନ୍ତୁ ଶାଢ଼ି ପିନ୍ଧିବାକୁ ତାକୁ ବେଶୀ ଭଲ ଲାଗେ ବୋଲି ସେ ପ୍ରାୟତଃ ଶାଢ଼ି ହିଁ ପିନ୍ଧେ । ଏମିତିକି ଫଟୋ ସେସନ ବେଳେ ବି । ଶାଢ଼ି ତାକୁ ଖୁବ୍ ମାନେ । ବେଳେ ବେଳେ ସ୍ଲିଭ୍‌ଲେସ୍, ବ୍ୟାକଲେସ୍ ବ୍ଲାଉଜ୍ ବ୍ୟବହାର କରେ କିନ୍ତୁ ଫୁଲ୍ ହାତ ଓ ହାଇନେକ୍‌ର ବ୍ଲାଉଜ୍ ସେ ପିନ୍ଧି ଥାଏ । ବିଜନ ବେଳେବେଳେ ତା' ପାଇଁ ଶାଢ଼ିର ଡିଜାଇନିଂ ବି କରେ । ପଣତରେ କେଉଁ ଡିଜାଇନ ରହିଲେ ଫଟୋ ଭଲ ଆସିବ ତାହା ସେ ଠିକ କରେ । ଗ୍ଲାମର୍ ଦୁନିଆରେ ତନୁଶ୍ରୀ ଆଜି ଶୀର୍ଷ ସ୍ଥାନରେ । ମଡ଼େଲ ହିସାବରେ ତା'ର ଚାହିଦା ଏବେ ଖୁବ ବେଶୀ । ପ୍ରାୟ ସବୁ ନାମୀ ଦାମୀ ପ୍ରଡକ୍ଟ ଡିଜାଇନର୍‌ମାନେ ତାକୁ ମଡ଼େଲ ହିସାବରେ ନେବାକୁ ପସନ୍ଦ କରନ୍ତି । ଆଉ ତା'ର ସବୁ ଶ୍ରେୟ ସେ ଦିଏ ବିଜନକୁ । ବିଜନର ଲାଇଟିଂ, ଏଙ୍ଗେଲ୍ ଆଉ ପୋଷ୍ଟ ପ୍ରୋସେସିଙ୍ଗ ଚମତ୍କାର । ପ୍ରୋସେସିଙ୍ଗ ବେଳେ ସେ ପ୍ରାୟ ଟାଇଟ କ୍ରପିଙ୍ଗ୍ କରେ ଯେମିତି ଫ୍ରେମ ଭିତରେ ଅନ୍‌ୱାଣ୍ଟେଡ଼ କିଛି ବି ରହିବନି । ସବୁଥିରେ ତା'ର ଅଲଗା ଲୁକ୍, ଅଲଗା ଟଚ୍ ।